# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 March - 2026

*********************************

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆଜି ନିର୍ବାଚନ ତାରିଖ ଘୋଷଣା କରିବେ ଭାରତର ନିର୍ବାଚନ କମିଶନ
- ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ଆସନ୍ତାକାଲି ହେବ ଭୋଟ
- କଳାହାଣ୍ଡି ଜିଲ୍ଲା ପୁଲିସ ନିକଟରେ ୧୧ ଜଣ ମାଓବାଦୀଙ୍କର ଆତ୍ମସମର୍ପଣ

ଏବଂ

- 'ନିରାପଦ ଉତ୍ପାଦ ଓ ଆଶ୍ୱସ୍ତ ଉପଭୋକ୍ତା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

Desk

# ଇସିଆଇ ଆସେମ୍ବ୍ଲି

ନିର୍ବାଚନ ଆୟୋଗ ଆଜି ଅପରାହ୍ଣରେ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନୀ ସୂଚୀ ଘୋଷଣା କରିବେ । ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଏହି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ମେ' ମାସ ୭ ତାରିଖରେ ଶେଷ ହେଉଛି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାର କାର୍ଯ୍ୟକାଳ ମେ' ମାସ ୨୦ ତାରିଖ, ୧୪୦ ସଦସ୍ୟ ବିଶିଷ୍ଟ କେରଳ ବିଧାନସଭାର କାର୍ଯ୍ୟକାଳ ମେ' ମାସ ୨୩ ତାରିଖରେ, ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ମେ' ୧୦ ତାରିଖରେ ଶେଷ ହେଉଥିବା ବେଳେ ୩୦ ସଦସ୍ୟ ବିଶିଷ୍ଟ ପୁଡୁଚେରୀ ବିଧାନସଭାର କାର୍ଯ୍ୟକାଳ ଜୁନ ମାସ ୧୫ ତାରିଖରେ ଶେଷ ହେଉଛି । ଏହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆଜି ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି।

Desk

# ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତାକାଲି ନିର୍ବାଚନ ହେବ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି

ଜଣାଯାଇଛି। ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ। ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ, କଂଗ୍ରେସ-ବିଜେଡି ସମର୍ଥିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ପ୍ରାର୍ଥୀ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି, ବିଜେଡି ଓ କଂଗ୍ରେସ ସେମାନଙ୍କର ଏଜେଣ୍ଟ ନିଯୁକ୍ତ କରିଛନ୍ତି। ଓପନ୍ ବ୍ୟାଲାଟ ମାଧ୍ୟମରେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇ ବିଧାୟକମାନେ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି। ବିଧାନସଭା ସଚିବାଳୟ ପରିସରରେ ବିଧାୟକମାନଙ୍କ ପାଇଁ ଗତକାଲି ଭୋଟ୍ ବାବଦରେ ମକ୍‌ପୋଲିଂ ହୋଇଥିଲା।

Desk

## ଚାଲାଣ ରିହାତି

ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ପରିବହନ ବିଭାଗ ପକ୍ଷରୁ ବକେୟା ଟ୍ରାଫିକ ଗାଡ଼ି ଚାଲାଣ ବାବଦରେ ଜରିମାନା ପଇଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରିହାତି ମୂଲ୍ୟରେ ଜରିମାନା ପଇଠ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି। **echallan.parivahan.gov.in** ପୋର୍ଟାଲରେ ଗାଡ଼ିମାଲିକ ଏବଂ

ଚାଳକମାନେ ବକେୟା ଚାଲାଣର ସ୍ଥିତି ଯାଞ୍ଚ କରି ଜରିମାନା ପଇଠ କରିବା ପାଇଁ କୁହାଯାଇଛି । ପରିବହନ ବିଭାଗର ସୂଚନା ଅନୁସାରେ, ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି । ଚଳିତ ମାସ ଶେଷ ସୁଦ୍ଧା ଏହି ବ୍ୟବସ୍ଥା ବଳବତ୍ତର ରହିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

Desk

## ପିଏସ୍‌ୟୁ ବୟସସୀମା

ରାଜ୍ୟ ସରକାରଙ୍କ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତି ପାଇଁ ଆବେଦନ ବୟସସୀମା ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜୁନ ମାସରେ ୯ ତାରିଖରେ ସରକାରୀ ଚାକିରୀରେ ନିଯୁକ୍ତି ବୟସସୀମା ବଢ଼ାଇବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରାଜ୍ୟରେ ମୋଟ ୩୧ଟି ସରକାରୀ ଉଦ୍ୟୋଗ ରହିଛି । ଏହି ଉଦ୍ୟୋଗଗୁଡ଼ିକରେ ପ୍ରାୟ ୨୫ ହଜାର ୩୦୦ ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ବର୍ତ୍ତମାନ ୯ ହଜାର ୮୦୦ ଜଣ ନିୟମିତ କର୍ମଚାରୀ କାର୍ଯ୍ୟ କରୁଥିବା ଜଣାପଡ଼ିଛି ।

Kalahandi

## ମାଓବାଦୀ ଆତ୍ମସର୍ମପଣ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ପୁଲିସ ନିକଟରେ ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ଉପସ୍ଥିତିରେ ରିଜର୍ଭ ପୁଲିସ ପଡ଼ିଆଠାରେ ମାଓବାଦୀମାନେ

ଆତ୍ମସମର୍ପଣ କରି ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି କହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ବଂଶଧାରା-ଘୁମୁସୁର-ନାଗାବଳୀ ଡିଭିଜନର ସଦସ୍ୟ ଥିବା ଜଣାପଡ଼ିଛି । ପୁଲିସ ସୂତ୍ରରୁ ଉଦ୍ଧାର କରି ଆମ ସମ୍ବାଦଦାତା ଜଣାଇଛନ୍ତି ଆଜି ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ କଳାହାଣ୍ଡି ଜିଲ୍ଲା ପ୍ରାୟ ମାଓ ମୁକ୍ତ ହୋଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି ।

Desk

## ବିଶ୍ୱ ଉପଭୋକ୍ତା ଦିବସ

ଉପଭୋକ୍ତା ଅଧିକାର ଏବଂ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଉଛି । ଉପଭୋକ୍ତାଙ୍କ ମୌଳିକ ଅଧିକାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏହାକୁ ସୁରକ୍ଷିତ ରଖିବା ନେଇ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇଥାଏ ।

ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଭାରତୀୟ ଗଣ ଯୋଗାଯୋଗ ସଂସ୍ଥାନର ଛାତ୍ରୀ ନମିତା ଗିରିଙ୍କ ରିପୋର୍ଟ...

ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ନିରାପଦ ଉତ୍ପାଦ, ଆଶ୍ୱସ୍ତ ଉପଭୋକ୍ତା' । ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର

ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟ ନେଇ ସରକାର ବହୁବିଧ କାର୍ଯ୍ୟକ୍ରମ କରୁଛନ୍ତି। ଜାତୀୟ ଉପଭୋକ୍ତା ହେଲ୍‌ପ ଲାଇନ୍ ନମ୍ବର ପ୍ରଣୟନ କରାଯିବା ସହ ଅଭିଯୋଗ ସମାଧାନକୁ ତ୍ୱରାନ୍ୱିତ କରାଯାଉଛି। ସ୍ୱେଚ୍ଛାସେବୀ ସଂଗଠନ, ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନର ସହାୟତାରେ କର୍ମଶାଳା ଏବଂ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟରତ ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଉପଭୋକ୍ତା ସମାଜକୁ ଜାଗ୍ରତ କରିବା ପାଇଁ ଏକ ଶକ୍ତ ସଚେତନ ଉପଭୋକ୍ତା ଗୋଷ୍ଠୀ ଗଠନ କରି ଖାଉଟି ବିପ୍ଲବକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଇ-କମର୍ସ ସଂସ୍ଥାଗୁଡ଼ିକରେ କଥିତ ଅନିୟମିତତାରୁ ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଉପଭୋକ୍ତା ସୁରକ୍ଷା (ଇ-କମର୍ସ) ନିୟମାବଳୀ-୨୦୨୦ ପ୍ରଚଳନ କରାଯାଇଛି। ଏହି ନିୟମ ମାଧ୍ୟମରେ ଇ-କମର୍ସ ସଂସ୍ଥାଗୁଡ଼ିକର ଦାୟିତ୍ୱ ନେଇ ସମ୍ପୂର୍ଣ୍ଣ ବିବରଣୀ ରହିଛି।

Gajapati

## ସାଇବର ସୁରକ୍ଷା

ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସାଇବର ସୁରକ୍ଷା

ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଇବର ଠକେଇ ଏବଂ ତତ୍‌ଜନିତ ସୁରକ୍ଷା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା ।

Gajapati

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ୍.ବିରା ରାଜୁ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ ସରକରାଙ୍କ ବିଭିନ୍ନ ବିକାଶମୂଳକ ଯୋଜନରେ ସାମିଲ କରିବା ଉପରେ ଆଲୋଚନା ହୋଇଥିଲା । ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଚିକିତ୍ସା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ୭୩ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା ।

Kandhamal

## ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ

ଫୁଲବାଣୀ ଏ.ଜେ.ଓ. ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପି.ଏମ୍.ଶ୍ରୀ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କର ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଏହି ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଓ ନୂତନ ଜ୍ଞାନକୌଶଳ ବ୍ୟବହାର କରି ଛାତ୍ରଛାତ୍ରୀମାନେ

ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ବକ୍ତାମାନେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

BHK

## ବାର୍ ଆସୋସିଏସନ୍–ବାର୍ଷିକ ଉତ୍ସବ

ଭଦ୍ରକ ବାର୍ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ସହିଦ ସ୍ମୃତି ଭବନ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଉତ୍ସବରେ ଯୋଗଦେଇ ସମାଜର ଗରିବ, ଅସହାୟ, ଅବହେଳିତ ଲୋକଙ୍କୁ ତ୍ୱରିତ ନ୍ୟାୟ ସେବା ପ୍ରଦାନ କରିବା ପାଇଁ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

Nabarangpur

## ଜଳାଶୟ ପୁନରୁଦ୍ଧାର

ନବରଙ୍ଗପୁର ସହରର ଦୁଇଟି ଜଳାଶୟ ପୁନରୁଦ୍ଧାର ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ମିଳିଛି । ରାଜରାଜୁଡ଼ା ଅମଳର ଗୋରୁମୁଣ୍ଡା ଓ ଆବନ୍ଧ ସାହି ପୋଖରୀର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମାଣ ଉତ୍ପାଦ ନିୟମ ପ୍ରସ୍ତୁତି ଚାଲିଛି । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁମୋଦନ ହୋଇ ଆସିଲାପରେ

ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ କରାଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ।

Nuapada

## ସୁଭଦ୍ରା ଶକ୍ତିମେଳା

ନୂଆପଡ଼ାଠାରେ ସୁଭଦ୍ରା ଶକ୍ତିମେଳା-୨୦୨୬ର ପଞ୍ଚମ ସାଂସ୍କୃତିକ ସନ୍ଧ୍ୟା ଗତକାଲି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ମହିଳା ସଶକ୍ତୀକରଣ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଛନ୍ତି । ଜିଲ୍ଲା ତଥା ରାଜ୍ୟର ମହିଳା ଉଦ୍ୟୋଗୀମାନେ ଏହି ଅବସରରେ ବିଭିନ୍ନ ଷ୍ଟଲ୍‌ରେ ନିଜର ଉତ୍ପାଦ ବିକ୍ରିବଟା କରିଛନ୍ତି ।

Baragarh

## ନିରୀକ୍ଷଣ କମିଟି

ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରନ୍ଧନ ଓ ଇନ୍ଧନ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲାସ୍ତରୀୟ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଯୋଗଦେଇ ପେଟ୍ରୋଲିୟମ୍ ଗ୍ୟାସ, ଡିଜେଲ ଓ ପେଟ୍ରୋଲର ଉପଲବ୍ଧତା, ଯୋଗାଣ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମନିଟରିଂ କମିଟି, ଟାସ୍କ ଫୋର୍ସ ଗଠନ କରାଯାଇଛି ।

କଳାବଜାରରେ ଲିପ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଖାଉଟିଙ୍କ ସହାୟତା ପାଇଁ ହେଲ୍‌ପ ଲାଇନ୍ ନମ୍ବର ୦୬୬୪୬- ୨୩୩-୦୩୩ ଜାରି କରାଯାଇଛି ।

Dhenkanal

## କିଡ୍‌ନୀ ରୋଗ ସଚେତନତା

ଢେଙ୍କାନାଳ ବିନୋଦ ଭବନ ପରିସରରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କିଡ୍‌ନୀ ରୋଗ ପରୀକ୍ଷା ଓ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ୧୨ ଜଣ କିଡ୍‌ନୀ ରୋଗୀଙ୍କୁ ଚିହ୍ନଟ କରାଯାଇ ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଛି ।